# ଗୌରୀ ଲଙ୍କେଶ

# ପ୍ରଥମ ସହିଦ  ମହିଳା ସାମ୍ବାଦିକ !

**ବୀରେନ୍ଦ୍ର ନାୟକ**

ବ୍ୟବସ୍ଥା ସମ୍ପର୍କରେ ଭିନ୍ନମତ ପୋଷଣ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଅସହିଷ୍ଣୁତାର ଆତଙ୍କରାଜ ଯେପରି ଆଜି ସଚରାଚର ହୋଇଛି, ତାହାର ଚରମ ପରିପ୍ରକାଶ ହେଉଛି ହତ୍ୟା,  ଭିନ୍ନମତକୁ ନିରବ କରିଦେବାର ନିଷ୍ଠୁର ଓ ଅନ୍ତିମ ଉପାୟ । ଗୌରୀ ଲଙ୍କେଶ ଏହାର ସଦ୍ୟତମ ଶିକାର, ଭାରତମାତାର ବନ୍ଦନାରେ ନିନାଦିତ ଭାରତଭୂମିରେ ଏକ ମହିଳା ସାମ୍ବାଦିକର ନିର୍ମମ ହତ୍ୟାର ବୋଧହୁଏ ପ୍ରଥମ ଦୃଷ୍ଟାନ୍ତ । ଅନେକ ମହିଳା ସାମ୍ବାଦିକଙ୍କର ଗୌରୀଙ୍କ ଦଶା ହୋଇପାରେ ବୋଲି ଫେସବୁକ୍‌ରେ ଧମକ ଆସିଲାଣି । ଏହି ତାଲିକାରେ ଥିବା ସାଗରିକା ଘୋଷ ତ’ ଏପରି ଧମକ ଦେଇଥିବା ବ୍ୟକ୍ତିଙ୍କ ନାମରେ ଅଭିଯୋଗ ଦାଏର କରିଛନ୍ତି ଦିଲ୍ଲୀ ପୁଲିସ ପାଖରେ[୧]। ସୋସିଆଲ ମିଡିଆ (ଫେସବୁକ,ଟୁଇଟର)ରେ ମହିଳା ସାମ୍ବାଦିକମାନଙ୍କୁ କିପରି ଅଶାଳୀନ, ଅଭଦ୍ର  ମନ୍ତବ୍ୟ ଦ୍ୱାରା ମାନସିକ ନିର୍ଯାତନା ଦିଆଯାଉଛି; ତାହାର ନିଛକ ଚିତ୍ର ମିଳେ  ସ୍ୱାତୀ ଚତୁର୍ବେଦୀଙ୍କ ଦ୍ୱାରା ରଚିତ ପୁସ୍ତକ  I Am A Troll(Juggernaut Books, New Delhi, 2016 )ରେ । କିନ୍ତୁ ଏହି ପୁସ୍ତକରୁ ଯେଉଁ ସୂଚନା ବିଚଳିତ କରେ ତାହା ହେଉଛି ଏହିଭଳି କିଛି ଅଭଦ୍ର, ଅଶାଳୀନ ଟୁଇଟରରେ ଦେଉଥିବା କେତେକ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ follow କରୁଛନ୍ତି । ତେଣୁ ଗୌରୀଙ୍କର ହତ୍ୟାକୁ ଗୋଟିଏ କୁ 1ର ହତ୍ୟା ବୋଲି ପ୍ରକାରାନ୍ତରେ ଅଭିହିତ କରିବା ଓ ଟୁଇଟରରେ ଏହି ମନ୍ତବ୍ୟ କରୁଥିବା ବ୍ୟକ୍ତି ନିଖିଲ ଦଧୀଚ, ତାଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ follow କରୁଛନ୍ତି ବୋଲି ଆସ୍ଫାଳନ କରିବାକୁ, ଅବିଶ୍ୱାସ କରି ହୁଏ ନାହିଁ[୨]।  ବରଂ ବିଜେପିର ଆଇ.ଟି. ସେଲ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଏ ପ୍ରଧାନମନ୍ତ୍ରୀ follow କରିବା ସପକ୍ଷରେ, ଯେ କାହାକୁ follow କରିବା ଅର୍ଥ ନୁହେଁ ତାକୁ character certificate ଦେବା[୩] ।

## ‘କୁକୁର’ର ମେଟାଫର

ଅବଶ୍ୟ ଆତତାୟୀଙ୍କ ଦ୍ୱାରା ହତ୍ୟାରେ ବା ଦଙ୍ଗାରେ କାହାରି ମୃତ୍ୟୁକୁ ଏକ ‘କୁକୁର’ ବା ‘କୁ 1’ର ମୃତ୍ୟୁ ସହ ତୁଳନା କରିବା ନୂଆ ନୁହେଁ । ଆଜି ଯଦି ଗୌରୀଙ୍କର ମୃତ୍ୟୁ ପାଇଁ ରୂପକ ‘ଏକ କୁ 1ର ମୃତ୍ୟୁ’ ବୋଲି ବ୍ୟବହାର କରାହେଉଛି, ଚାରିବର୍ଷ ତଳେ Reuters ସମ୍ବାଦ ଏଜେନ୍ସିକୁ ସାକ୍ଷାତକାର ଦେଇ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ , ୨୦୦୨ ଗୁଜରାଟ ଦଙ୍ଗାକୁ ନେଇ ସେ ଅନୁତପ୍ତ କି ?, ପ୍ରଶ୍ନର  ଉ  ରରେ କହିଥିଲେ[୪], “ଆଉ ଜଣେ କେହି ଗାଡ଼ି ଚଳାଉଛି ଏବଂ ଆମେ ପଛରେ ବସିଛେ । ଯଦି ଗୋଟିଏ କୁକୁର ଛୁଆ ବି ଚକ ତଳକୁ ଚାଲିଆସେ, ଏହା ଆମ ପାଇଁ କଷ୍ଟଦାୟକ ହେବ ନା ନାହିଁ । ନିଶ୍ଚୟ ହେବ । ମୁଁ ମୁଖ୍ୟମନ୍ତ୍ରୀ ହୁଏ ବା ନ ହୁଏ, ମୁଁ ଗୋଟିଏ ମଣିଷ । ଯଦି କିଛି ଖରାପ କେଉଁଠି ହେଉଥାଏ, ଦୁଃଖୀ ହେବା ସ୍ୱାଭାବିକ ।” ସେହିଭଳି ମୋଦୀଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଜେନେରାଲ ଭି କେ ସିଂହ,  ଦୁଇବର୍ଷ ତଳେ ଦୁଇ ଦଳିତ ଶିଶୁଙ୍କର ମୃତ୍ୟୁର ପ୍ରତିକ୍ରିୟାରେ କହିଥିଲେ କେହି ଯଦି ଗୋଟିଏ କୁକୁର ଉପରେ ଟେକାଟିଏ ମାରେ, ତାହାହେଲେ କଣ ସରକାର ଦାୟୀ ହେବେ[୫] ? ସତେ ଯେପରି ମହିଳା, ଦଳିତ ଓ ସଂଖ୍ୟାଲଘୁଙ୍କର ହତ୍ୟା ପାଇଁ କୁକୁର ମୃତ୍ୟୁର ରୂପକ ଏମାନଙ୍କ ଜିଭ ଅଗରେ ଅଛି ? ଏହା ସ୍ମରଣ କରାଇଦିଏ ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରେ ରଚିତ ଶତପଥ ବ୍ରାହ୍ମଣର ସୁକ୍ତ (୧୪:୧:୧:୩୧) ଯେଉଁଠି ସମାନ ସ୍ୱରରେ ନାରୀ, ଶୁଦ୍ର, କୁକୁର ଓ କଳା ପକ୍ଷୀ ବା କୁଆକୁ ଅସତ୍ୟ ବୋଲି କୁହାଯାଇଛି । ମନେ ମଧ୍ୟ ପକାଇ ଦିଏ ଗୋସ୍ୱାମୀ ତୁଳସୀଦାସଙ୍କର ଚୌପଦୀକୁ ଯେଉଁଠି ସେ କୁହନ୍ତି “ଢୋଲ ଗୱାଁର ସୁଦ୍ର ପସୁ ନାରୀ । ସକଲ ତାଡନା କେ ଅଧିକାରୀ ।” ମନେ ପକାଇଦିଏ ମନୁସ୍ମୃତିର ଅଧ୍ୟାୟ୬  ୮ର ଶ୍ଳୋକ ୩୭୧ ଯେଉଁଠି କୁହାଯାଇଛି ଯଦି ଜଣେ ନାରୀ ତା’ର ବା ତା’ ପରିଜନଙ୍କର ଉତ୍କର୍ଷତାକୁ ନେଇ ଗର୍ବ କରି ନିଜର ସ୍ୱାମୀ ପ୍ରତି କ ର୍ବ୍ୟର ଖିଲାଫ କରେ, ତାହାହେଲେ ରାଜା ସେହି ନାରୀକୁ ଏକ ଜନସମାଗମ ହେଉଥିବା ସ୍ଥାନରେ ଏକ କୁକୁରକୁ ଖୁଆଇଦେବେ । ଅବଶ୍ୟ ମନୁସ୍ମୃତି ଅନୁସାରେ ନାରୀର କୌଣସି ସ୍ୱାଧୀନତା ନାହିଁ ଓ ସେ ସବୁବେଳେ ପୁରୁଷର ଆଜ୍ଞାଧୀନ, ପୁରୁଷ ଯେତେ ଦୁଃଶ୍ଚରିତ୍ର ହେଉ ନା କାହିଁକି । ଯେପରି ମନୁସ୍ମୃତିର ଅଧ୍ୟାୟ ୫ ଶ୍ଳୋକ ୧୪୭ରେ

କୁହାଯାଇଛି: "ନାରୀ, ବାଳିକା, ଯୁବତୀ ଅବା ବୃଦ୍ଧା ଯେ କୌଣସି ଅବସ୍ଥାରେ ହେଉ, ଘରେ କୌଣସି କାର୍ଯ୍ୟ ସେ ସ୍ୱତନ୍ତ୍ର ଭାବେ କରିବା ଉଚିତ ନୁହେଁ।"; ଶ୍ଳୋକ ୧୪୮ରେ କୁହାଯାଇଛି: "ବାଳିକା ଅବସ୍ଥାରେ ନାରୀ ପିତାର ଅଧୀନରେ, ଯୌବନରେ ସ୍ୱାମୀ ଅଧୀନରେ, ସ୍ୱାମୀର ମୃତ୍ୟୁ ପରେ ପୁତ୍ର ଅଧୀନରେ, ନାରୀ କେଭେ ବି ସ୍ୱତନ୍ତ୍ର ହେବ ନାହିଁ।"; ଶ୍ଳୋକ ୧୫୪ରେ କୁହାଯାଇଛି: "ପତି ପଛେ କୁଶୀଳ ହେଉ, ସ୍ୱେଚ୍ଛାଚାରୀ ହେଉ, ସୁଗୁଣ ବିବର୍ଜିତ ହେଉ, ସ୍ତ୍ରୀ ତାହାକୁ ଦେବତା ମନେ କରି ତାର ସେବା କରିବ ।" ଅଧ୍ୟାୟ ୯ ଶ୍ଳୋକ ୧୭ରେ କୁହାଯାଇଛି, "ଶଯ୍ୟା, ଆସନ ଓ ଅଳଙ୍କାର ପ୍ରତି ପ୍ରେମ, କାମ ଭାବନା, କ୍ରୋଧ, ଦ୍ରୋହ ଭାବ, କୁଆଚରଣ, ଏସବୁ ନାରୀଙ୍କର ସ୍ୱାଭାବିକ ଗୁଣ ବୋଲି ମନୁ କୁହନ୍ତି ।" ତେଣୁ ସ୍ୱାଧୀନଚେତା, ନିର୍ଭୀକ ଓ ସଫଳ ମହିଳାମାନେ ମନୁବାଦୀଙ୍କର ଚକ୍ଷୁଶୀଳ ହେବାରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏହି ମନୁବାଦୀମାନେ ଆକ୍ରାମକ ହୋଇପଡନ୍ତି ଯେତେବେଳେ କ୍ଷମତାସୀନ ଗୋଷ୍ଠୀର ନୀରବ ସମର୍ଥନ ସମ୍ପର୍କରେ ସେମାନେ ନିଶ୍ଚିତ ହୋଇଥାନ୍ତି। ସୋସିଆଲ ମିଡ଼ିଆରେ ମହିଳାମାନଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ, ଏପରିକି ନିଜର ପରିଚୟ ଦେଇ, ଏହି ଆକ୍ରାମକ ମନୁବାଦୀ ମାନସିକତାର ହିଁ ପ୍ରତିଫଳନ । ଯେଉଁ ମାନସିକତା ନାରୀଠାରୁ ଆଶାକରେ ତାର ଦୁଃଶ୍ଚରିତ୍ର ସ୍ୱାମୀକୁ  ନିରବରେ ଗ୍ରହଣ କରିବା, ସେ ମାନସିକତା କିପରି ସହ୍ୟ କରିବ ସେ ମହିଳାଙ୍କୁ ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରିବାର ଦମ୍ଭ ଦେଖାଇବେ? ସେ ମାନସିକତା ଗୌରୀ ଲଙ୍କେଶ, ରାଣା ଆୟୁବ, ସ୍ୱାତୀ ଚତୁର୍ବେଦୀ, ବର୍ଖା ଦ , ଶୋଭା ଦେ, ସାଗରିକା ଘୋଷ, ଅରୁନ୍ଧତି ରାୟଙ୍କ ଭଳି ସ୍ୱାଧୀନଚେତା ନାରୀମାନଙ୍କୁ କିପରି ସହ୍ୟ କରିବ? ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଶାଳୀନ ବ୍ୟବହାର ବିରୁଦ୍ଧରେ ପ୍ରତିବାଦ କରିବାକୁ ରାସ୍ତା ଉପରେ ଓହ୍ଲାଇଥିବା (୨୧-୨୩ ସେପ୍ଟେମ୍ବର ୨୦୧୭) ଛାତ୍ରୀଙ୍କ ଉପରେ ନିର୍ମମ ଲାଠି ଚାଳନା ତ ସେହି ମାନସିକତାର ନିର୍ଲଜ୍ଜ ପ୍ରଦର୍ଶନ[୭] ।

**ହତ୍ୟାର ଧାରାବାହିକତା**

୫୫ବର୍ଷୀୟା ଗୌରୀ ଲଙ୍କେଶଙ୍କୁ ସେପ୍ଟେମ୍ବର ୫ ତାରିଖ, ସନ୍ଧ୍ୟା ଆଠଟାବେଳେ ବେଙ୍ଗାଲୁରୁ -ସ୍ଥିତ ତାଙ୍କ ଘର ସାମନାରେ ହତ୍ୟା କରାଗଲା। କିଏ ହତ୍ୟା କରିଛି ତାକୁ ଧରିବା ପାଇଁ ତଦନ୍ତ ଚାଲିଛି। ଗୌରୀଙ୍କର ଶବ ସତ୍କାର ସମୟରେ କର୍ଣ୍ଣାଟକ ସରକାର ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେଇଛି । ଗୌରୀଙ୍କର ହତ୍ୟାର ପ୍ରାୟ ଦୁଇବର୍ଷ ପୂର୍ବରୁ (୩୦ ଅଗଷ୍ଟ ୨୦୧୫) ସମାନ ଢଙ୍ଗରେ କର୍ଣ୍ଣାଟକର ଧାରୱାଡ୍ ସହରରେ ଅଜ୍ଞାତ ଆତତାୟୀଙ୍କ ଦ୍ୱାରା ନିହତ ୭୭ବର୍ଷୀୟ ପ୍ରଫେସର କଲବୁର୍ଗୀଙ୍କର ହତ୍ୟାକାରୀ ଆଜି ପର୍ଯ୍ୟନ୍ତ ଧରା ପଡ଼ିନାହାନ୍ତି । କଲବୁର୍ଗୀଙ୍କ ହତ୍ୟାର ଦୁଇବର୍ଷ ପୂର୍ବରୁ (୨୦ ଅଗଷ୍ଟ ୨୦୧୩) ସମାନ ଢଙ୍ଗରେ ଅଜ୍ଞାତ ଆତତାୟୀଙ୍କ ଦ୍ୱାରା ନିହତ, ଅବଶ୍ୟ ମହାରାଷ୍ଟ୍ରର ପୁନେ ସହରରେ, ହୁଅନ୍ତି ୬୯ବର୍ଷୀୟ ନରେନ୍ଦ୍ର ଡାଭୋଲକର ଓ ୧୬ ଫେବୃଆରୀ ୨୦୧୫ରେ ମହାରାଷ୍ଟ୍ରର କୋଲହାପୁର ସହରରେ ସେହି ଢଙ୍ଗରେ ଗୁଳିଚୋଟ ବସେ ୮୨ବର୍ଷୀୟ ଗୋବିନ୍ଦ ପନ୍‌ସାରେଙ୍କ ଉପରେ, ମୃତ୍ୟୁ ହୁଏ ଚାରି ଦିନ ପରେ, ୨୦ ଫେବୃଆରୀ ଦିନ । ଏହି ଦୁଇ ବ୍ୟକ୍ତିଙ୍କର ହତ୍ୟାକାରୀ ମଧ୍ୟ ଆଜି ପର୍ଯ୍ୟନ୍ତ ଧରା ପଡ଼ିନାହାନ୍ତି, ଯଦିଓ କିଛି ବ୍ୟକ୍ତିଙ୍କୁ ସନ୍ଦେହରେ ଗିରଫ କରାଯାଇଛି । ଆକ୍ରମଣର ଢଙ୍ଗ ହେଉଛି ମୋଟର ସାଇକେଲରେ ଆତତାୟୀ କେଇଜଣ ଆସିବେ, ବେଳେ ବେଳେ ହେଲମେଟ ପିନ୍ଧି ଅବା ନିଜ ଚେହେରା ଲୁଚାଇ ଓ ଅତି ନିକଟରୁ ଅତର୍କିତ ଗୁଳି ବର୍ଷାଇ ଫେରାର ହୋଇଯିବେ । ଏହି କାର୍ଯ୍ୟର ସମ୍ପାଦନ ହେବ ଯଥାସମ୍ଭବ ହତ୍ୟାର ଶିକାର ବ୍ୟକ୍ତିଙ୍କ ଘର ପାଖରେ, ଯେତେବେଳେ ସେମାନେ ଅତି ସହଜ ଅବସ୍ଥାରେ ଥିବେ, ଯେପରି ପ୍ରାତଃଭ୍ରମଣରୁ ଘରକୁ ଫେରୁଥିବେ (ଡାଭୋଲକର ଓ ପନ୍‌ସାରେ)। କେବଳ ଏତିକି ନୁହେଁ ସାଦୃଶ୍ୟ ମଧ୍ୟ ରହିଛି ବ୍ୟବହୃତ ଅସ୍ତ୍ରରେ । ଗୌରୀ ଲଙ୍କେଶଙ୍କ ହତ୍ୟାରେ ଯେଉଁ ପିସ୍ତୋଲ(୭.୬୫ମିଲିମିଟର)ର ବ୍ୟବହାର ହୋଇଛି ସେହି ପିସ୍ତୋଲର ବ୍ୟବହାର ପୂର୍ବ ତିନୋଟି ହତ୍ୟାରେ ହୋଇଥିଲା ବୋଲି ଏକ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବୋଲି ସମ୍ବାଦ[୮] ।   ହତ୍ୟା କରିବାର ଢଙ୍ଗରେ ସାଦୃଶ୍ୟ, ବ୍ୟବହୃତ ଅସ୍ତ୍ରରେ ସାଦୃଶ୍ୟ, ସ୍ୱାଭାବିକ ଏହି ଚାରୋଟି ବ୍ୟକ୍ତିତ୍ୱ ମଧ୍ୟରେ ସାଦୃଶ୍ୟ ସନ୍ଧାନ ପାଇଁ ଆଗ୍ରହ ସୃଷ୍ଟି କରେ ।

**ବୃ ି ଭିନ୍ନ, ଆଦର୍ଶ ଏକ**

ଭିନ୍ନ ଭିନ୍ନ ବୃ ି ରୁ ଆସିଥିବା ଏହି ବ୍ୟକ୍ତିମାନେ (ଡାକ୍ତରୀ ପେଶାରୁ ଡାଭୋଲକର, ରାଜନୀତିରୁ ପନ୍‌ସାରେ, ଅଧ୍ୟାପନାରୁ କଲବୁର୍ଗୀ, ସମ୍ବାଦିକତାରୁ ଗୌରୀ) କିନ୍ତୁ ଥିଲେ ବ୍ୟବସ୍ଥାରେ ବିକୃତି ଓ ପ୍ରଚଳିତ କୁସଂସ୍କାରମୂଳକ ପ୍ରଥାର ବିରୋଧୀ ଓ ସତ୍ୟର ପୂଜାରୀ । ହେତୁବାଦୀ, ଜାତିପ୍ରଥାବିରୋଧୀ ଡାଭୋଲକର ପ୍ରସ୍ତାବ ଦେଇଥିଲେ ଏକ ଅନ୍ଧବିଶ୍ୱାସ ତଥା ତନ୍ତ୍ରମନ୍ତ୍ର ବିରୋଧୀ ଆଇନର ପ୍ରଚଳନ ପାଇଁ, ଯାହା ବିଜେପି ଓ ଶିବସେନାର ବିରୋଧର ସମ୍ମୁଖୀନ ହୋଇଥିଲା, ଆଇନ ହୋଇପାରୁ ନଥିଲା । ଏହା ତ ଭିନ୍ନ କଥା ଯେ ଡାଭୋଲକରଙ୍କ ମୃତ୍ୟୁର ବାସି

ଦିନ ଏହାକୁ ତତ୍କାଳୀନ କଂଗ୍ରେସ ନେତୃତ୍ୱରେ ମହରାଷ୍ଟ୍ର କ୍ୟାବିନେଟ ଏହି ବିଲ୍‌କୁ ମଞ୍ଜୁରୀ ଦେଇଥିଲା ଓ ୧୮ ଡିସେମ୍ବର ୨୦୧୩ ଦିନ ଏକ ଅଧ୍ୟାଦେଶ Anti-Superstition and Black Magic Ordinance ଜାରୀ କରାଗଲା । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତା ପନ୍‌ସାରେ ତ ଆନ୍ତର୍ଜାତୀୟ ବିବାହର ପୃଷ୍ଟପୋଷକତା କରୁଥିଲେ, ହିନ୍ଦୁ ପ୍ରଥାରେ ଥିବା ପୁତ୍ରେଷ୍ଟି ଯଜ୍ଞର ବିରୋଧ କରୁଥିଲେ, ଟୋଲ୍ ଟିକସବିରୋଧୀ ଆନ୍ଦୋଳନର ପୁରୋଭାଗରେ ଥିଲେ, ମହାତ୍ମା ଗାନ୍ଧୀଙ୍କର ହତ୍ୟାକାରୀ ନାଥୁରାମ ଗଡସେଙ୍କର ପ୍ରଶସ୍ତିକୁ ବିରୋଧ କରୁଥିଲେ । ତାଙ୍କର ବହୁ ପ୍ରଶଂସିତ ଓ ପ୍ରସାରିତ ପୁସ୍ତକ 'ଶିବାଜୀ କିଏ'ରେ ସେ ଶିବାଜୀଙ୍କୁ ଏକ ଧର୍ମନିରପେକ୍ଷ ଶାସକ ଭାବେ ଚିତ୍ରଣ କରିଥିଲେ ଯାହା ହିନ୍ଦୁତ୍ୱ ସଂଗଠନ ମାନଙ୍କର ଆଦର୍ଶର ବିପରୀତ ଥିଲା । ତାଙ୍କ ବର୍ଣ୍ଣନାରେ ଶିବାଜୀଙ୍କୁ ସେ ମହିଳାମାନଙ୍କ ପ୍ରତି ସମ୍ମାନଶୀଳ, ଦାସତ୍ୱ ଉଚ୍ଛେଦ କରିଥିବା ଶାସକ ଭାବେ ଚିତ୍ରଣ କରିଥିଲେ । ସେ ମଧ୍ୟ ଅନ୍ଧବିଶ୍ୱାସ ତଥା ତନ୍ତ୍ରମନ୍ତ୍ର ବିରୋଧୀ ଆଇନର ଥିଲେ ଜଣେ ବଡ଼ ସମର୍ଥକ । କଲବୁର୍ଗୀ କନ୍ନଡ ସାହିତ୍ୟର ଉଚ୍ଚକୋଟୀର ଅଧ୍ୟାପକ ଓ ଗବେଷକ ଥିଲେ ମୂର୍ତ୍ତିପୂଜାର ବିରୋଧୀ । ତାଙ୍କର ଗବେଷଣାର ନିଷ୍କର୍ଷ ତାଙ୍କ ନିଜର ଲିଙ୍ଗାୟତ ସମ୍ପ୍ରଦାୟ ଦ୍ୱାରା ଗ୍ରହଣୀୟ ହୋଇପାରି ନଥିଲା । ସେ ବାଧ୍ୟ ହୋଇଥିଲେ ଏହି ନିଷ୍କର୍ଷକୁ ଅସ୍ୱୀକାର କରିବାପାଇଁ । କିନ୍ତୁ ଏହା ସହିତ ମଧ୍ୟ କହିଥିଲେ, "ମୁଁ ଏହା କଲି ମୋର ପରିବାରବର୍ଗଙ୍କ ଜୀବନ ରକ୍ଷା ପାଇଁ । କିନ୍ତୁ ସେହି ଦିନ ମୁଁ ମଧ୍ୟ ବୌଦ୍ଧିକ ଆତ୍ମହତ୍ୟା କଲି ।" ( "I did it to save the lives of my family . But I also committed intellectual suicide on that day.") ମୂର୍ତ୍ତିପୂଜାର ଅସାରତାକୁ ଦର୍ଶାଇବାକୁ ଯାଇ ସେ ତାଙ୍କର ଗୋଟିଏ ପିଲାଦିନର ଅଭିଜ୍ଞତା ଏକ ସେମିନାରରେ (ଜୁନ ୨୦୧୪) ବୟାନ କରି ହିନ୍ଦୁ ସଂଗଠନ ବିଶ୍ୱ ହିନ୍ଦୁ ପରିଷଦ, ବଜରଂଗ ଦଳ ଓ ଶ୍ରୀରାମ ସେନେର କଠୋର ପ୍ରତିବାଦର ଶରବ୍ୟ ହୋଇଥିଲେ । ଗୌରୀ ଲଙ୍କେଶ ଥିଲେ ହିନ୍ଦୁତ୍ୱ ରାଜନୀତିର ଜଣେ କଠୋର ସମାଲୋଚକ । ସେ ମାଙ୍ଗାଲୋରରେ ସକ୍ରିୟ ଥିବା ହିନ୍ଦୁ ସଂଗଠନଗୁଡ଼ିକୁ ପ୍ରତିବନ୍ଧିତ କରିବା ପାଇଁ ୨୦୧୨ରେ ହୋଇଥିବା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ତାଙ୍କ ମତରେ ହିନ୍ଦୁଧର୍ମ (hinduism) ଏକ ଧର୍ମ (religion) ନୁହେଁ ବରଂ ସମାଜର ଏକ ସ୍ତରୀକୃତ ତନ୍ତ୍ର ("system of hierarchy in society") ଯେଉଁଠି ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀର ପ୍ରାଣୀ (" second-class creatures") ଭାବେ ବିଚାର କରାଯାଏ । ଲିଙ୍ଗାୟତ ସମ୍ପ୍ରଦାୟରେ ଜନ୍ମିତ ଗୌରୀ ଲଙ୍କେଶ ଲିଙ୍ଗାୟତ ସମ୍ପ୍ରଦାୟକୁ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ଭାବେ ଘୋଷଣା କରାଯାଉ ବୋଲି ଦାବି କରୁଥିଲେ । ଦ୍ୱାଦଶ ଶତାବ୍ଦୀର କନ୍ନଡ଼ ଦାର୍ଶନିକ ବାସବାନ୍ନାଙ୍କ ଅନୁଯାୟୀମାନେ ଅର୍ଥାତ୍ ଲିଙ୍ଗାୟତମାନେ ହିନ୍ଦୁ ନୁହନ୍ତି ବୋଲି ମତପୋଷଣ କରୁଥିଲେ । ତାଙ୍କର ସମ୍ପାଦିତ କନ୍ନଡ଼ ସାପ୍ତାହିକ 'ଗୌରୀ ଲଙ୍କେଶ ପତ୍ରିକା' ଦଳିତ ନିଷ୍ପେଷିତଙ୍କର ସମସ୍ୟାରେ ବେଶ୍ ମୁଖର ଥିଲା ଓ ବାମପନ୍ଥୀ ଚିନ୍ତାଧାରା ପ୍ରତି ସହାନୁଭୂତି ରଖୁଥିଲା ।

**<u>ହତ୍ୟାରେ ଉଲ୍ଲସିତ କିଏ</u>**

ଏହି ଚାରୋଟି ହତ୍ୟାରେ ପ୍ରକୃତ ଆତତାୟୀ ଏଯାବତ୍ ଧରା ପଡ଼ିନାହାନ୍ତି । କିନ୍ତୁ କେଉଁମାନେ ଏହି ହତ୍ୟା ଦ୍ୱାରା ଉଲ୍ଲସିତ ହେଉଛନ୍ତି, ତାହା ଅଜଣା ନୁହେଁ । ଗୌରୀ ଲଙ୍କେଶ ୨୦୧୬ ମସିହା ନଭେମ୍ବର ମାସ ଏକ ସାକ୍ଷାତକାରରେ କହିଥିଲେ[୯], "ଆଜି କର୍ଣ୍ଣାଟକରେ ଆମେ ଏଭଳି ଏକ ସମୟରେ ବାସ କରୁଛୁ ଯେ ମୋଦୀଭକ୍ତ ଓ ହିନ୍ଦୁତ୍ୱବାହିନୀ ସେ ବ୍ୟକ୍ତିମାନଙ୍କର ହତ୍ୟାକୁ ସ୍ୱାଗତ କରୁଛନ୍ତି (ଯେପରି ଡକ୍ଟର ଏମ୍ ଏମ୍ କଲବୁର୍ଗୀଙ୍କ କ୍ଷେତ୍ରରେ) ଓ ମୃତ୍ୟୁକୁ ଉତ୍ସବ ଭଳି ପାଳନ କରୁଛନ୍ତି (ଯେପରି ଡକ୍ଟର ୟୁ ଆର୍ ଅନନ୍ତମୂର୍ତ୍ତିଙ୍କ କ୍ଷେତ୍ରରେ) ଯେଉଁମାନେ ସେମାନଙ୍କର ଆଦର୍ଶକୁ, ରାଜନୈତିକ ଦଳକୁ ଓ ସେମାନଙ୍କର ସର୍ବମୟ ନେତା ନରେନ୍ଦ୍ର ମୋଦୀଙ୍କୁ ବିରୋଧ କରୁଛନ୍ତି । ମୁଁ ସେମାନଙ୍କ ସମ୍ପର୍କରେ ଏଇଥିପାଇଁ କହୁଛି କାରଣ ସେମାନେ ମଧ୍ୟ ବ୍ୟଗ୍ର ମୋତେ ଚୁପ୍ କରାଇବା ପାଇଁ ।" ପ୍ରାୟ ୯ମାସ ପରେ ୫ସେପ୍ଟେମ୍ବର ୨୦୧୭ ସନ୍ଧ୍ୟାରେ ଗୌରୀ ଲଙ୍କେଶଙ୍କୁ ଚିର ଦିନ ପାଇଁ ଚୁପ୍ କରାଇ ଦିଆଯାଇଛି । କର୍ଣ୍ଣାଟକର ବିଜେପି ବିଧାୟକ ଡି ଏନ୍ ଜୀବରାଜଙ୍କ ଅନୁସାରେ, ଗୌରୀ ଜୀବିତ ଥାନ୍ତେ ଯଦି ସେ 'ଚଡିଗଲା ମାରଣ ହୋମ' (ଆର୍ ଏସ୍ ଏସ୍‌ର ଶେଷକୃତ୍ୟ ) ଶିରୋନାମାରେ ପ୍ରବନ୍ଧ ପ୍ରକାଶ କରିନଥାନ୍ତେ । ବିଧାୟକଙ୍କର ଏପରି ମନ୍ତବ୍ୟର ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ପଚାରନ୍ତି[୧୦], "ତାହାହେଲେ ଏହାର ଅର୍ଥ କଣ ? ଏହା କଣ ଇଙ୍ଗିତ କରୁନାହିଁ ଯେ ସେମାନେ ଏହା ପଛରେ ଅଛନ୍ତି ?" ଏହା ପୂର୍ବରୁ ଏକ ସମ୍ବାଦ ଯାହା ବହୁ ସମ୍ବାଦପତ୍ର ସହ ଗୌରୀଙ୍କର ପତ୍ରିକାରେ ୨୩ ଜାନୁଆରୀ, ୨୦୦୮ମସିହାରେ ପ୍ରକାଶ ପାଇଥିଲା, ସେ ସମ୍ବାଦକୁ କେନ୍ଦ୍ର କରି କେବଳ ଗୌରୀଙ୍କ ନାଁରେ ମାନହାନୀ ମକଦ୍ଦମା ଦାଏର କରିଥିଲେ ଜଣେ ବିଜେପି ସାଂସଦ ଓ ତାଙ୍କର ବ୍ୟକ୍ତିଗତ ସଚିବ । ଆଠବର୍ଷ ଧରି ଏହି ମାମଲା ଚାଲିବା ପରେ, ଗୌରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ ନଭେମ୍ବର ୨୭, ୨୦୧୬ ଦିନ, ମାତ୍ର ବର୍ଷକତଳେ । ଦଣ୍ଡ ଥିଲା ୬ମାସ କାରାବାସ ଓ ୧୦୦୦୦ଟଙ୍କା ଜରିମାନା । ଅବଶ୍ୟ ସହସା ଜାମିନ ଆବେଦନ ତାଙ୍କର ମଂଜୁର ହୋଇଥିଲା[୧୧] । କିନ୍ତୁ କାହାଠାରୁ

ତଥ୍ୟ ନେଇ ଏହି ସମ୍ବାଦଟି ସେ ପ୍ରକାଶ କରିଥିଲେ । ତାହା ସେ ପ୍ରଘଟ କରି ନଥିଲେ ସାମ୍ବାଦିକତାର ନୈତିକତା ଦୃଷ୍ଟିରୁ[୧୦]। ଉଲ୍ଲେଖଯୋଗ୍ୟ ଯେ ୨୮ଫେବୃଆରୀ ୨୦୦୮ରେ ଗୌରୀ ଲଙ୍କେଶ ଏକ ବ୍ଲଗ ଲେଖିଥିଲେ ଯାହାର ଶିରୋନାମା ଥିଲା[୧୧] 'Karnataka is turning saffron' ବା ଗୈରିକ ହେଉଛି କର୍ଣ୍ଣାଟକ । କହିବା ବାହୁଲ୍ୟ ଯେ ଗୌରୀ ତାଙ୍କର ସାମ୍ପ୍ରଦାୟିକତା ବିରୋଧୀ ତୀକ୍ଷ୍ଣ ମନ୍ତବ୍ୟ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆଖିର କ । କହ୍ନେୟାକୁମାର, ଓମାର ଖାଲିଦ, ସେହଲା ରସିଦ ଓ ଜିଗନେଶ ମେୱାନୀ ଭଳି ତରୁଣ-ତରୁଣୀଙ୍କୁ ନିଜର ପୋଷ୍ୟସନ୍ତାନ ଭାବେ ଘୋଷଣା, ଗୁଜରାଟ ଦଙ୍ଗାରେ ନରେନ୍ଦ୍ର ମୋଦୀ ଓ ଅମିତ ଶାହଙ୍କ ଭୂମିକାକୁ ଉଜାଗର କରିଥିବା ରାଣା ଆୟୁବଙ୍କର ଦୁଃସାହସିକ ପୁସ୍ତକ 'ଗୁଜରାଟ ଫାଇଲ୍ସ -ଆନାଟୋମୀ ଅଫ ଏ କଭର ଅପ'କୁ କନ୍ନଡ ଭାଷାରେ ପ୍ରକାଶ କରିବାର ନିଷ୍ପ ି, ବିଜେପି ଓ ଏହାର ପୃଷ୍ଠପୋଷକ ହିନ୍ଦୁ ସଂଗଠନ ଗୁଡିକୁ ବେଶ୍ ବିଚଳିତ କରୁଥିଲା । ତେଣୁ ବିଧାୟକ ଜୀବରାଜଙ୍କର ମନ୍ତବ୍ୟକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ତଦନ୍ତ କରୁଥିବା ଅଧିକାରୀମାନେ ଯଦି କହୁଛନ୍ତି ଏଥିରେ ଅସ୍ୱାଭାବିକତା କିଛି ନାହିଁ । ସେହିଭଳି ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ସେହି ମନ୍ତବ୍ୟ ଗୁଡିକୁ ଯାହା ଗୌରୀଙ୍କର ହତ୍ୟାକୁ ଯଥାର୍ଥ ବୋଲି ଦର୍ଶାଇ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି[୧୨]।

**ହତ୍ୟାକାରୀ କିଏ ?**

ଗୌରୀଙ୍କର ପ୍ରକୃତ ହତ୍ୟାକାରୀକୁ ଧରିବାରେ ତଦନ୍ତ କେତେଦୂର ସଫଳ ହେବ ତାହା ତ ଭବିଷ୍ୟତ କହିବ । କିନ୍ତୁ ପୂର୍ବ ତିନୋଟି ଘଟଣାରେ ଏହିଭଳି ହତ୍ୟାର ଆତତାୟୀଙ୍କୁ ଯେ ଧରାଯାଇ ପାରିନାହିଁ ଏହା ସତ୍ୟ । ଗୌରୀଙ୍କ ହତ୍ୟା ପଛରେ ମାଓବାଦୀ ସଂଗଠନର ହାତ ଥିବାର ସମ୍ଭାବନା ପ୍ରତି ମଧ୍ୟ ଇଙ୍ଗିତ ହୋଇଛି । ଏହି ଇଙ୍ଗିତ ଆସିଛି ଗୌରୀଙ୍କ ସାନ ଭାଇ ଇନ୍ଦ୍ରଜିତ ଲଙ୍କେଶଙ୍କ ଠାରୁ[୧୩] । ଭାଇଭଉଣୀଙ୍କ ମଧ୍ୟରେ ବିବାଦର ଇତିହାସ[୧୪] ଓ ସାନ ଭଉଣୀ କବିତା ଲଙ୍କେଶଙ୍କର ବୟାନ[୧୫] ଯେ ଯେଉଁମାନେ ଗୌରୀଙ୍କୁ ମାଓବାଦୀ ହତ୍ୟା କରିଛନ୍ତି ବୋଲି କହୁଛନ୍ତି, ସେମାନେ ନକ୍ସଲ ଆନ୍ଦୋଳନକୁ ବୁଝି ନାହାନ୍ତି, ଏହି ସମ୍ଭାବନାକୁ ଦୁର୍ବଳ କରିଦେଉଛି । ଉପରନ୍ତୁ ବେଆଇନ ଘୋଷିତ ସିପିଆଇ (ମାଓବାଦୀ) ଏକ ପ୍ରେସ ଇସ୍ତାହାରରେ ସ୍ପଷ୍ଟ କରିଛି ଯେ ତାଙ୍କ ସଂଗଠନ ଗୌରୀଙ୍କ ହତ୍ୟା ପଛରେ ନାହିଁ ବରଂ ଏହା ପଛରେ ଅଛନ୍ତି 'ହିନ୍ଦୁ ଫାସୀବାଦୀ ଗୁଣ୍ଡା[୧୬]। ଏହି ସମ୍ଭାବନାକୁ ମଧ୍ୟ ତଦନ୍ତ ଅଧିକାରୀମାନେ ଅସ୍ୱୀକାର କରନ୍ତି[୧୭] । ଅପେକ୍ଷା ସମସ୍ତେ କରିବେ ପ୍ରକୃତ ଆତତାୟୀ ଗିରଫ ହେବା ଓ ସେ ଦୃଷ୍ଟାନ୍ତକାରୀ ଦଣ୍ଡ ପାଇବା । କିନ୍ତୁ ଯେଉଁ ସଂଗଠନ ଗୁଡିକ ସେମାନଙ୍କର ବିଦ୍ୱେଷପୂର୍ଣ୍ଣ ପ୍ରଚାର ଦ୍ୱାରା ଏହିପରି ହତ୍ୟାକୁ ସଂଘଟିତ କରିବାର ପରିବେଶ ସୃଷ୍ଟି କରୁଛନ୍ତି ସେ ସଂସ୍ଥାଗୁଡ଼ିକୁ ସରକାର ପ୍ରତିବନ୍ଧିତ (ban) କରିବାର ଦୃଢ଼ତା ଦେଖାଇ ପାରିବେ କି ? ମହାତ୍ମା ଗାନ୍ଧୀଙ୍କର ହତ୍ୟାକାରୀ ନାଥୁରାମ ଗଡସେଙ୍କୁ ଅତି ସହଜରେ ଧରାଯାଇ ପାରିଥିଲା । କିନ୍ତୁ ଭାରତ ସରକାର ଏହା ପରେ ପରେ (୪ ଫେବୃଆରୀ ୧୯୪୮) ଆରଏସ୍‌ଏସ୍‌କୁ ପ୍ରତିବନ୍ଧିତ କରିଥିଲେ । କାରଣ ଗାନ୍ଧୀଙ୍କ ହତ୍ୟାରେ ଆନନ୍ଦିତ ହୋଇ ଆରଏସ୍‌ଏସ୍ କର୍ମୀମାନେ ମିଷ୍ଟାନ୍ନ ବ ନ କରିଥିଲେ[୧୮] । ଆର୍‌ଏସ୍ ଏସ୍ ବିରୁଦ୍ଧରେ ଭାରତ ସରକାରଙ୍କ ନିଷ୍ପ ି ପଛର କାରଣ ଗୋଲୱାଲକରଙ୍କୁ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଲେଖିଥିବା ପତ୍ରରୁ (୧୧ ସେପ୍ଟେମ୍ବର ୧୯୪୮) ସ୍ପଷ୍ଟ ହୁଏ । ସେ ଆର ଏସ୍ ଏସ୍ କର୍ମୀଙ୍କ ସମ୍ପର୍କରେ ଲେଖିଥିଲେ,"ସେମାନଙ୍କର ଭାଷଣ ସାମ୍ପ୍ରଦାୟିକତାର ହଳାହଳରେ/ବିଷରେ ପରିପୂର୍ଣ୍ଣ । ହିନ୍ଦୁମାନଙ୍କୁ ଉତ୍ସାହିତ କରିବା ପାଇଁ ଓ ସେମାନଙ୍କର ସୁରକ୍ଷା ପାଇଁ ବିଷ ଉଦ୍‌ଗୀରଣର କୌଣସି ଆବଶ୍ୟକତା ନାହିଁ । ଏହି ବିଷର ଚରମ ପରିଣତି ହେଲା ଯେ ଦେଶ ଗାନ୍ଧିଜୀଙ୍କର ମୂଲ୍ୟବାନ ଜୀବନକୁ ହରାଇଲା । ସରକାରଙ୍କର ବା ଲୋକଙ୍କର ସାମାନ୍ୟତମ ସହାନୁଭୂତି ଆରଏସ୍‌ଏସ୍ ପ୍ରତି ନାହିଁ । ପ୍ରକୃତରେ ବିରୋଧ ବଢ଼ିଛି । ବିରୋଧ ଅଧିକ ତୀବ୍ର ହୋଇଛି ଯେତେବେଳେ ଆର ଏସ୍ ଏସ୍ ଲୋକେ ଗାନ୍ଧୀଙ୍କ ମୃତ୍ୟୁ ପରେ ଆନନ୍ଦରେ ମିଷ୍ଟାନ୍ନ ବ ନ କଲେ । ଏହି ପରିସ୍ଥିତିରେ ସରକାରଙ୍କ ପାଇଁ ଆର ଏସ୍‌ଏସ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅବଶ୍ୟମ୍ଭାବୀ ହୋଇପଡିଲା ।" କିନ୍ତୁ ପ୍ରତିବନ୍ଧନର ୬ମାସ ପରେ ମଧ୍ୟ ଆରଏସ୍‌ଏସ୍ କର୍ମୀମାନଙ୍କର ଆଚରଣରେ କୌଣସି ପରିବ ର୍ନ ଦେଖାଯାଇ ନ ଥିଲା ତାହାର ସୂଚନା ଏହି ପତ୍ରରୁ ମିଳେ ଯେତେବେଳେ ସର୍ଦ୍ଦାର ପଟେଲ ଲେଖନ୍ତି, "ସେହିଦିନରୁ ୬ ମାସ ଅତିବାହିତ ହୋଇଗଲାଣି । ଆମେ ଆଶା କରିଥିଲୁ ଯେ ଏତେ ସମୟ ଅତିବାହିତ ହେବା ପରେ ସବୁ କଥାକୁ ପୂର୍ଣ୍ଣତଃ ବିଚାରକୁ ନେଇ, ଆର ଏସ୍‌ଏସ୍ ଲୋକେ ଠିକ ବାଟକୁ ଆସିବେ । କିନ୍ତୁ ଯେଉଁ ରିପୋର୍ଟମାନ ମୋ ପାଖକୁ ଆସୁଛି, ସେଥିରୁ ଜଣାପଡୁଛି ଯେ ସେହି ପୁରୁଣା କାର୍ଯ୍ୟକଳାପରେ ପୁଣି ନୂତନ ଜୀବନଦାନର ଉପକ୍ରମ ହେଉଛି ।" ମହାତ୍ମା ଗାନ୍ଧୀଙ୍କ ହତ୍ୟାରେ ଆରଏସ୍‌ଏସ୍ ଓ ହିନ୍ଦୁ ମହାସଭାର ସମ୍ପୃକ୍ତିକୁ ନେଇ ସର୍ଦ୍ଦାର ପଟେଲ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଶ୍ୟାମାପ୍ରସାଦ ମୁଖର୍ଜୀଙ୍କୁ, ଜୁଲାଇ ୧୮, ୧୯୪୮ରେ, ଲେଖିଥିଲେ, "ଗାନ୍ଧିଜୀଙ୍କ ହତ୍ୟା ସମ୍ପର୍କରେ ମାମଲା ଅଦାଲତରେ ବିଚାରାଧୀନ

ଅଛି । ତେଣୁ ଆରଏସ୍ଏସ୍ ଏବଂ ହିନ୍ଦୁ ମହାସଭା, ଏହି ଦୁଇଟି ସଂଗଠନର ଗାନ୍ଧୀଙ୍କ ହତ୍ୟାରେ ଅଂଶଗ୍ରହଣ ବିଷୟରେ କିଛି କହିବା ମୁଁ ଉଚିତ ମନେ କରୁ ନାହିଁ । କିନ୍ତୁ ଆମେ ପାଉଥିବା ରିପୋର୍ଟ ଏହା ନିଶ୍ଚିତ ଭାବରେ ଦର୍ଶାଉଛି ଯେ ଏହି ଦୁଇ ସଙ୍ଗଠନର କାର୍ଯ୍ୟକଳାପ ଯୋଗୁଁ, ବିଶେଷତଃ ପ୍ରଥମ ସଂଗଠନର, ଦେଶରେ ଏକ ଏପରି ପରିବେଶ ସୃଷ୍ଟି ହେଲା ଯାହା ଫଳରେ ଏପରି ଏକ ମର୍ମନ୍ତୁଦ ଘଟଣା ସମ୍ଭବ ହେଲା । ମୋ ମନରେ ତିଳେ ହେଲେ ସନ୍ଦେହ ନାହିଁ ଯେ ହିନ୍ଦୁ ମହାସଭାର କଟ୍ଟରପନ୍ଥୀ ଗୋଷ୍ଠୀଏହି ଷଡଯନ୍ତ୍ରରେ ସାମିଲ ଥିଲେ । ଆର ଏସ୍ ଏସ୍ର କାର୍ଯ୍ୟକଳାପ ସରକାର ଓ ରାଷ୍ଟ୍ରର ଅସ୍ତିତ୍ୱ ପ୍ରତି ବିପଦ ସଷ୍ଟି କରୁଛି । ଆମ ରିପୋର୍ଟ ଦର୍ଶାଉଛି ଯେ ପ୍ରତିବନ୍ଧନ ସ ୍ୱ ଏହି କାର୍ଯ୍ୟକଳାପ ବନ୍ଦ ହୋଇ ନାହିଁ । ବରଂ ଯେପରି ସମୟ ଅତିବାହିତ ହେଉଛି, ଆରଏସ୍ଏସ୍ ଗୋଷ୍ଠୀଗୁଡିକ ଅଧିକ ବେପରୁଆ ହୋଇଛନ୍ତି ଏବଂ ଅଧିକରୁ ଅଧିକ ବିଧ୍ୱଂସକାରୀ କ୍ରିୟାକଳାପରେ ସମ୍ପୃକ୍ତ ରହୁଛନ୍ତି ।[୧୯]" କହିବା ବାହୁଲ୍ୟ ଯେ ସେତେବେଳର ସରକାର ଆର୍ଏସ୍ଏସ୍କୁ ପ୍ରତିବନ୍ଧିତ କରିବାର ନିଷ୍ପ ି ନେଇଥିଲେ, କେବଳ ଏଇଥି ପାଇଁ ଯେ ସେମାନଙ୍କର କାର୍ଯ୍ୟକଳାପ ଏକ ଏପରି ପରିବେଶ ସୃଷ୍ଟି କରିଥିଲା ଯାହାର ଦୁର୍ଭାଗ୍ୟଜନକ ପରିଣତି ହେଲା ମହାତ୍ମା ଗାନ୍ଧୀଙ୍କର ହତ୍ୟା ।  ଅବଶ୍ୟ ଗୌରୀ ଲଙ୍କେଶର ହତ୍ୟା ପଛରେ ଆରଏସ୍ଏସ୍ ନାହିଁ ବୋଲି ଇଂରାଜୀ ପାକ୍ଷିକ ଫ୍ର ଲାଇନକୁ କୁହନ୍ତି[୨୦] ଆରଏସ୍ଏସ୍ର ପ୍ରଭାବଶାଳୀ ଦାକ୍ଷିଣାତ୍ୟ ନେତା କଲ୍ଲଡକା ପ୍ରଭାକର ଭଟ୍ଟ । ଯଦିଓ ଗୌରୀ ଲଙ୍କେଶର ହତ୍ୟା ପରେ ବାମପନ୍ଥୀମାନେ ସନାତନ ସଂସ୍ଥା ଭଳି କେତେକ ହିନ୍ଦୁ ସଂଗଠନକୁ ପ୍ରତିବନ୍ଧିତ କରିବା ପାଇଁ ଦାବି କରନ୍ତି[୨୧] । କିନ୍ତୁ ସନାତନ ସଂସ୍ଥା ଓ ତାହା ସହିତ ସହବନ୍ଧିତ ହିନ୍ଦୁ ଜନ ଜାଗୃତି ସମିତି ଗୌରୀଙ୍କ ହତ୍ୟା ପଛରେ ସେମାନଙ୍କ ଭୂମିକାକୁ ଅସ୍ୱୀକାର କରନ୍ତି, କୁହନ୍ତି[୨୨] ଯେ ସେମାନେ କର୍ଣ୍ଣାଟକର ଲଙ୍କେଶ ବା କଲବୁର୍ଗୀଙ୍କୁ କେଭେ ଜାଣିନଥିଲେ । ଉଲ୍ଲେଖଯୋଗ୍ୟ ଯେ ଗୌରୀ ଲଙ୍କେଶ ନିଜେ ୨୦୧୨ ମସିହାରୁ  ମାଙ୍ଗାଲୋର ଠାରେ ସକ୍ରିୟ ହିନ୍ଦୁ ସଂଗଠନ ଗୁଡିକର ପ୍ରତିବନ୍ଧନ ଦାବି କରି ଆସୁଥିଲେ[୨୩] ଅବଶ୍ୟ କଂଗ୍ରେସର ଶାସନକାଳରେ ଆରଏସ୍ଏସ୍ ପ୍ରତିବନ୍ଧିତ ହେବା ଓ ମୋଦୀ-ଶାହା ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ଶାସନରେ ହିନ୍ଦୁ ସଂଗଠନଗୁଡିକର ପ୍ରତିବନ୍ଧନ ଆଶା କରିବା ମଧ୍ୟରେ ଦୂରତା ବହୁତ ବେଶୀ ।

**ପ୍ରତିବାଦର ସ୍ୱର**

ଆତତାୟୀ ଧରାପଡ଼ିବ କି ନାହିଁ, ଧରା ପଡିଲେ ସେ ଦଣ୍ଡିତ ହେବ କି ନାହିଁ, ଯେଉଁ ସଂଗଠନମାନେ ସମାଜରେ ବିଦ୍ୱେଷ ସୃଷ୍ଟି କରୁଛନ୍ତି ସେମାନେ ପ୍ରତିବନ୍ଧିତ ହେବେ କି ନାହିଁ ଏହା ଆଜିର ସରକାରଙ୍କ ହାତରେ, ନ୍ୟାୟାଳୟ ହାତରେ । କିନ୍ତୁ ଗୌରୀ ଲଙ୍କେଶଙ୍କ ହତ୍ୟାର ପ୍ରତିବାଦରେ ସାରା ଦେଶରେ ଯେଉଁ ସ୍ୱର ଉଠିଛି ତାହା ଅଭୂତପୂର୍ବ[୨୪]। ଏପରିକି ଏକଦା ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଭାରତସରକାରଙ୍କ ଆଟର୍ଣ୍ଣି ଜେନେରାଲ ଥିବା ବର୍ଷିୟାନ ଅଧିବକ୍ତା ସୋଲି ସୋରାବଜୀ ଗୌରୀଙ୍କ ହତ୍ୟାକୁ ତୀବ୍ର ଭାବରେ ନିନ୍ଦା କରି, ନିଜ ପ୍ରତିକ୍ରିୟାରେ କୁହନ୍ତି[୨୫] -ଅସହମତି (dissent)କୁ ସୁରକ୍ଷା ଦେବା ରାଷ୍ଟ୍ରର ଦାୟିତ୍ୱ  ଓ ଦାବି କରନ୍ତି ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ଯେଉଁମାନେ ଅସହମତି ପ୍ରତି ହିଂସ୍ର ହେଉଛନ୍ତି । ସେ ଅସହମତିକୁ ଗଣତନ୍ତ୍ରର ଆତ୍ମା ବୋଲି ବିଚାର କରନ୍ତି । ତାଙ୍କ ବିଚାରରେ ଅସହନତିର ସ୍ୱରକୁ ଗୁଳି ଦ୍ୱାରା ନିରବ କରାଯାଇ ନ ପାରେ । ତାଙ୍କ ଦୃଷ୍ଟିରେ, ଯଦି ଏଯାବତ୍ ଆମେ ଜାଣିପାରିଲେ ନାହିଁ ଯେ କେଉଁମାନେ ଡାଭୋଲକର, କଲବୁର୍ଗୀ ଓ ପନ୍ସାରେଙ୍କ ହତ୍ୟାକାରୀ; ତାହାହେଲେ ଏହା ଇଂଗିତ କରୁଛି ଉଗ୍ର ମୌଳବାଦ (Fundamentalism) ଓ ହେତୁବାଦ (Rationalism)ମଧ୍ୟରେ ସଂଘର୍ଷ । ଗୌରୀ ଲଙ୍କେଶ ଅସହମତି ସଂସ୍କୃତିର ଥିଲେ ନିର୍ଭୀକ ମୁଖପାତ୍ର । ଏହି ସଂସ୍କୃତି ପ୍ରତି କ୍ରମବର୍ଦ୍ଧିଷ୍ଣୁ ଅସହିଷ୍ଣୁତା ଓ ହିଂସ୍ରତା ତାଙ୍କୁ ବିଚଳିତ କରୁଥିଲା । ତାଙ୍କରି ଭାଷାରେ[୨୬], "ଆମର ଥିଲେ ୟୁ ଆର ଅନନ୍ତମୂ ି, କଲବୁର୍ଗୀ , ମୋ ବାପା ପି ଲଙ୍କେଶ, ପୂର୍ଣ୍ଣଚନ୍ଦ୍ର ତେଜସ୍ୱୀ, ଏ' ସମସ୍ତେ । ସେମାନେ ସମସ୍ତେ ଜୱାହାରଲାଲ ନେହରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କର କଟୁ ସମାଲୋଚକ ଥିଲେ । କିନ୍ତୁ ସେମାନଙ୍କ ଭିତରୁ କାହାରି ଉପରେ ଶାରୀରିକ ଆକ୍ରମଣ କେଭେଁ ହୋଇ ନାହିଁ , ମୃତ୍ୟୁ ଧମକ ପାଇବା ତ ଦୂରର କଥା ।" ତେଣୁ ଗୌରୀଙ୍କର ହତ୍ୟାକୁ  ଅସମହତିର ସ୍ୱରକୁ ନିରବ କରିବାର ଉଦ୍ୟମ ବୋଲି ବିଭିନ୍ନ ସମ୍ବାଦପତ୍ରରେ ଶିରୋନାମିତ କରାଯାଇଛି । ଅନ୍ତର୍ଜାତିକ ସଂଗଠନ UNESCO, ଗୌରୀଙ୍କ ହତ୍ୟାର ନିନ୍ଦା କରି ଦେଇଥିବା ଏକ ବିବୃତିରେ କହିଛନ୍ତି[୨୭],  "ଗୌରୀ ଲଙ୍କେଶ ଥିଲେ ଏକ ସଂଘର୍ଷର ପ୍ରତୀକ, ନିର୍ଭୀକ ସାମ୍ବାଦିକତା କରିବା କ୍ଷେତ୍ରରେ ଓ ଅବହେଳିତଙ୍କ ପାଇଁ  ସ୍ୱର ଉଠାଇବା କ୍ଷେତ୍ରରେ । ତାଙ୍କର ମୃତ୍ୟୁ ସାମ୍ବାଦିକତା ଜଗତ ପାଇଁ  ଓ ସମାଜ ପାଇଁ ଏକ ଅପୂରଣୀୟ  କ୍ଷତି ।" ଗୌରୀଙ୍କର ହତ୍ୟାର ପ୍ରତିକ୍ରିୟାରେ କବି କେକି ଏନ୍ ଦାରୁୱାଲା, ଯିଏ ନିଜେ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଥିଲେ, ଏକ କବିତାରେ ହତ୍ୟାକାରୀଙ୍କ ପ୍ରତି ଆକ୍ଷେପ କରି ଲେଖନ୍ତି[୨୮] 'ସହିଷ୍ଣୁତା ତୁମ ଅଭିଧାନରେ ଏକ ପାପ'(Tolerance is a sin in your lexicon) । ଭାରତୀୟ ଲେଖକ

ଫୋରମ ତରଫରୁ ଗୀତା ହରିହରନ, କେ ସଚ୍ଚିଦାନନ୍ଦନ, ଅଶୋକ ବାଜପେୟୀ, ନୟନତାରା ସହଗଲ, ଶଶୀ ଦେଶପାଣ୍ଡେ, ରୋମିଲା ଥାପର, ଇନ୍ଦିରା ଜୟସିଂହ ଆଦିଙ୍କ ସ୍ୱାକ୍ଷରିତ ବିବୃତି କୁହେ[୨୮] ଯେ "ପୁଣି ଥରେ ଅସମହତିର ସ୍ୱରକୁ, ଯୁକ୍ତିର ସ୍ୱରକୁ ବନ୍ଧୁକ ଦ୍ୱାରା ନିରବ କରିଦିଆଯାଇଛି ।.... ଆମେ ପ୍ରତିଜ୍ଞା କରୁଛୁ ଯେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଓ ବିବିଧତାର ଭାରତକୁ ଘୃଣା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଗୌରୀଙ୍କର ସଂଗ୍ରାମକୁ ଚଳାଇ ରଖିବୁ । ଆମେ ତାଙ୍କ ତରଫରୁ ଓ ଆମ ନିଜ ତରଫରୁ କହିବା ଅବ୍ୟାହତ ରଖିବୁ । ସେମାନେ ଆମ ସମସ୍ତଙ୍କୁ ନିରବ କରିଦେଇ ପାରିବେ ନାହିଁ ।" ଯେଉଁମାନେ ଭାବନ୍ତି ଯେ ଗୌରୀଙ୍କ ହତ୍ୟାଦ୍ୱାରା ମହିଳା ସାମ୍ବାଦିକମାନେ ଡରିଯିବେ, ସେମାନଙ୍କୁ ଆହ୍ୱାନ ଦେଇ ମହିଳା ସାମ୍ବାଦିକ ମାନଙ୍କର ଏକ ସଂଗଠନ Network of Women in Media, India ଏକ ବିବୃତିରେ କୁହନ୍ତି[୨୮], "ଆମେ ଆମ ଉଦ୍ଦେଶ୍ୟରେ ଓ ସେମାନଙ୍କ ଉଦ୍ଦେଶ୍ୟରେ, ସେମାନଙ୍କର ଆମ ପ୍ରତି ବିଦ୍ୱେଷ ଭାବ ଥାଉ ବା ନଥାଉ, ଘୋଷଣା କରିବାକୁ ଚାହୁଁ ଯେ ଆମକୁ କେହି ବାଧା ଦେଇପାରିବେ ନାହିଁ, ନିରବ କରିଦେଇ ପାରିବେ ନାହିଁ, ପଛକୁ ଠେଲି ଦେଇପାରିବେ ନାହିଁ ବା ବନ୍ଦ କରି ରଖିପାରିବେ ନାହିଁ ।" ("We want to declare to ourselves and to everyone that is watching with and without malice – we will not be prevented, silenced, outdone or shut down,")। ମହିଳା ସାମ୍ବାଦିକଙ୍କ ଭିତରେ ଏହିଭଳି ସଙ୍କଳ୍ପ ଜାଗ୍ରତ ହେବା ସେମାନଙ୍କର ଉଦ୍ଦେଶ୍ୟକୁ ବ୍ୟର୍ଥ କରେ ଯେଉଁମାନେ ଭାବି ଥିଲେ ଗୌରୀଙ୍କର ହତ୍ୟା ଦ୍ୱାରା ସେମାନେ ଅସମହତିର ସ୍ୱରକୁ ନିରବ କରିଦେଇ ପାରିବେ ଓ ସ୍ୱାଧୀନଚେତା, ବ୍ୟବସ୍ଥାର ବିକୃତିକୁ ପ୍ରଶ୍ନ କରୁଥିବା ମହିଳାଙ୍କୁ ଭୟଭୀତ କରାଇ ପାରିବେ । ଗୌରୀଙ୍କର ନିର୍ଭୀକତା ଯେପରି ତାଙ୍କର ମୃତ୍ୟୁପରେ ସଂକ୍ରାମକ ହୋଇଯାଇଛି, ଅସହମତିର ସ୍ୱର ପ୍ରତି ନିଷ୍ଠାପର ସମସ୍ତଙ୍କୁ ଉଦ୍ଦୀପ୍ତ କରିଛି , ବିଶେଷତଃ ଏକ ପ୍ରକୃତ ଅର୍ଥରେ ସଶକ୍ତ ନାରୀ ସମାଜର ଅଭ୍ୟୁଦୟ ଆଡକୁ ଇଙ୍ଗିତ କରୁଛି । ତେଣୁ ବୋଧହୁଏ କବି (Jins Thomas) କହୁଛନ୍ତି୨୯,

"ତାଙ୍କ ପାଇଁ ଆଉ ଶୋକ କର ନାହିଁ
ସେ ଡରୁ ନ ଥିଲେ କେଉଁ ମରିବାକୁ ।
ତାଙ୍କ ପାଇଁ ଆଉ ଶୋକ କର ନାହିଁ
ତୁମ ଭିତରେ ବଢ଼ାଅ ଏକ ଗୌରୀ !
ତୁମ ପିଲାଙ୍କ ଭିତରେ ବଢ଼ାଅ
ଏକ ଗୌରୀ !"

ଆଉ ଜଣେ କବି (କବିଚନ୍ଦ୍ର) ଏହି ମୃତ୍ୟୁରେ ଇତିହାସର ଏକ ନୂତନ ଅଧ୍ୟାୟର ଆରମ୍ଭ ଦେଖୁଛନ୍ତି ଯେତେବେଳେ ସେ କହୁଛନ୍ତି[୨୯], "ଯେଉଁମାନେ ତାଙ୍କୁ ହତ୍ୟାକଲେ ସେମାନେ ଜାଣି ନ ଥିଲେ
ଏହା ଗୋଟିଏ ସ୍ତମ୍ଭ ମାତ୍ରର ଖବର ହେବ ନାହିଁ
ଯେତେବେଳେ ଇଂଚିକିଆ ବୁଲେଟ ପବନର ଛାତିକୁ ଭେଦିଲା
ବୋହିଗଲା ଯେଉଁ ରକ୍ତ, ସେ ଜାଣି ନ ଥିଲା
ଇତିହାସର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ।"

ରାଣା ଆୟୁବ ଓ ସ୍ୱାତୀ ଚତୁର୍ବେଦୀଙ୍କ ଭଳି ମହିଳା ସାମ୍ବାଦିକଙ୍କର ନିର୍ଭୀକ ସାମ୍ବାଦିକତା, ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କର ପିଞ୍ଜରା ତୋଡ଼ ଅଭିଯାନ, ଲମ୍ପଟ ଭଣ୍ଡବାବାଙ୍କ କଳାକାରନାମାକୁ ପଦାରେ ପକାଇବାର ମହିଳାମାନଙ୍କର ସାହସ, ବିଶ୍ୱାସ ସୃଷ୍ଟି କରୁଛି ଯେ ଗୌରୀ ଲଙ୍କେଶଙ୍କ ପରମ୍ପରାସମ୍ମତ ଏକ ନୂତନ ଅଧ୍ୟାୟ ଇତିହାସରେ ସଂଯୁକ୍ତ ହେବା ଆରମ୍ଭ ହୋଇଗଲାଣି । ହିଂସ୍ର ଅସହିଷ୍ଣୁତାକୁ ସାମନା କରିବା ପାଇଁ ନିର୍ଭୀକତାର ନିଅ" ପଡ଼ିଲାଣି । ଅବଳା ମନ୍ୟ ମହିଳାମାନେ ଶକ୍ତିଶାଳୀଙ୍କୁ ଦୋହଲାଇ ଦେବା ପାଇଁ ଅ । ଭିଡ଼ିଲେଣି । ଭୁଲି ହୁଏ ନାହିଁ ଦୁଇବର୍ଷ ତଳେ କଲବୁର୍ଗୀଙ୍କର ହତ୍ୟାକୁ ବିରୋଧ କରି ନୟନତାରା ସହଗଲ, ସାରା ଜୋସେଫ, କୃଷ୍ଣା ସୋବତୀ, ମନ୍ଦକ୍ରାନ୍ତା ସେନ, ନିରୂପମା ବୋର୍ଗୋହାଇଁ, କେ କାତ୍ୟାୟନୀଓ୍ୱିଧାମହେଙ୍କ ଭଳି ମହିଳା ସାହିତ୍ୟିକମାନେ ଫେରାଇଥିବା ସେମାନଙ୍କର ସାହିତ୍ୟ ଏକାଡେମୀ ପୁରସ୍କାର ଓ ପଂଜାବୀ ଲେଖିକା ଦଲୀପ କୌର ତିଓ୍ୱାନା ଫେରାଇଥିବା ପଦ୍ମ ସମ୍ମାନ । ସୂଚନା ମିଳୁଛି ଯେ ଇତିହାସର ନୂତନ ଅଧ୍ୟାୟରେ ମହିଳା ହିଁ ହେବେ ସବୁପ୍ରକାର ଅସହିଷ୍ଣୁତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଶୋଷଣ ବିରୋଧରେ ଆଗଧାଡ଼ିର କ୍ରୁସେଡର ।

<u>ବ୍ୟବହୃତ ଉପାଦାନ ସୂଚୀ</u>

୧. Sagarika Ghose on Twitter: "Here he is again : VikramAditya Rana on Facebook with a hit list@Delhi Police you need to check this,... https://twitter.com/sagarikaghose/status/905487782847512577/photo/1

୨.Right wing spews venom on social media after Senior Journalist Gauri Lankesh is shot dead,By Alt News Desk - 6th September 2017 ,https://www.altnews.in/right-wing-spews-venom-social-media-senior-jou...;PM Modi follows Twitter accounts who think Gauri Lankesh deserved to die , http://www.dailyo.in/politics/gauri-lankesh-twitter-trolls-hindutva-narend...

୩.BJP on Twitter: "The controversy over PM following people on Twitter is... https://twitter.com/BJP4India/status/905783829029306368/photo/1

୪.Interview with BJP leader Narendra Modi,By Ross Colvin and Sruthi Gottipati ,Reuters Staff ,July 12, 2013 ,http://blogs.reuters.com/india/2013/07/12/interview-with-bjp-leader-nare..

୫.General V.K.Singh’s ‘dog remark’ on Faridabad triggers row , Mohammad Ali , The Hindu, October, 22,2015, http://www.thehindu.com/news/national/other-states/general-vksinghs-dog-remark-on-faridabad-dalit-killings/article7792489.ece

୬.The Laws of Manu, Translated by G Buhler. ଏବଂ ପଣ୍ଡିତ ଗିରିଜା ପ୍ରସାଦ ଦ୍ୱିବେଦୀଙ୍କ ଦ୍ୱାରା ହିନ୍ଦୀ ଅନୁବାଦ

୭.Cops Beat Woman At Varanasi University (BHU); PM Narendra Modi, Am... https://www.ndtv.com/india-news/after-police-beat-g irls-at-banaras-hind

୮.Similar weapon used in murder of Gauri Lankesh, Kalburgi similar: Ballis... https://www.oneindia.com/india/similar-weapon-used-in-murder-gauri-la;Pistol Used to Kill Gauri Lankesh of Same Make as U sed in Murders of O... https://thewire.in/174874/pistol-used-kill-gauri-lankesh-make-used-murde.

୯.Gauri Lankesh: ‘Modi Bhakts and the Hindutva brigade want me in jail’,By Manisha Pande | Nov 30, 2016 ;https://www.newslaundry.com/2016/11/30/gauri-lankesh-modi-bhakts-and-the-hindutva-brigade-want-me-in-jail.. .

୧୦.Complaint filed against BJP MLA for remarks against slain journalist Gauri Lankesh ,By: Express News Service | Bengaluru | Updated: September 8, 2017 4:18 am ,http://indianexpress.com/article/india/complaint-filed-against-bjp-mla-4833693/

୧୧.What was the defamation case against slain journalist Gauri Lankesh?Written by Johnson T A | Bengaluru | Updated: September 7, 2017 11:09 am ,http://indianexpress.com/article/explained/what-was-the-defamation-case-against-slain-journalist-gauri-lankesh-4832061/

୧୨.https://scroll.in/article/849688/what-gauri-lankesh-wrote-in-this-2008-post-remains-relevant-for-journalists

୧୩. Gauri Lankesh Murdered Because Of Her Ideas, Alleges Brother Indrajit http://www.ndtv.com/india-news/gauri-lankesh-murdered-because-of-her-.

୧୪.Gauri Lankesh - Wikipedia https://en.wikipedia.org/wiki/Gauri_Lankesh.

୧୫.People Who Claim Maoists Killed Gauri Lankesh Have Little Understanding about naxal movement,... https://www.outlookindia.com/website/story/people-who-claim-maoists-k..

୧୬.CPI-Maoist says it had no hand in killing of journalist Gauri Lankesh ,Srinivasa Rao Apparasu Hindustan Times, Hyderabad ,Sep 14, 2017 ,http://www.hindustantimes.com/india-news/cpi-maoist-says-it-had-no-hand-in-killing-of-journalist-gauri-lankesh/story-ZPusAgx2bB2BRnzIkl'

୧୭.No proof of Naxals' role in Gauri Lankesh murder' - Times of India http://timesofindia.indiatimes.com/city/bengaluru/n o-proof-of-naxals-role-..

୧୮Though soft on RSS, Sardar had banned it - Times ofIndia , August 22, 2009, http://timesofindia.indiatimes.com/city/ahmedabad/Though-soft-on-RSS-S..

୧୯.Know The RSS , Shamsul Islam, Pharos Media and Publishing Private Ltd., New Delhi, 8th Edition, 2017, pp.27-29

୨୦.A method in the madness , Frontline , September 13, 2017 , http://www.frontline.in/cover-story/a-method-in-the-madness/article9855..

୨୧.Gauri Lankesh murder: Left parties demand ban on outfits like the Sanatan Sanstha ,*Scroll Staff* ,Sep 07, 2017 ,https://scroll.in/latest/849818/gauri-lankesh-murder-left-parties-demand-ban-on-outfits-like-the-sanatan-sanstha

୨୨.Sanatan Sanstha, affiliates deny role in Gauri Lankesh murder , By: Express News Service| Bengaluru | Published: September 22, 20 ,http://indianexpress.com/article/india/sanatan-sanstha-affiliates-deny-role-in-gauri-lankesh-murder-4855408/

୧୩.Mangalore: Speakers at Komu Souharda Vedike ProtestUrge Ban on Communal Outfits ,Sat, Aug 4 2012 ,http://www.daijiworld.com/news/newsDisplay.aspx?newsID=145927..

୧୪.Gauri Lankesh murder: Protests to be held across India today as politicians, journalists condemn killing ,Devyani Sultania,.September 6, 2017 ,.. http://ww3.ibtimes.co.in/gauri-lankesh-murder-protests-be-held-across-in

୧୫.Protect the dissenter , Written by Soli J. Sorabjee | Published:September 9, 2017,http://indianexpress.com/article/opinion/columns/protect-the-dissenter-gauri-lankesh-murder-tolerance-freedom-of-expression-4834875/

୧୬.How Slain Journalist Gauri Lankesh Ruffled Many Feathers With Her Fearless Work ,Piyasree Dasgupta Features Editor, HuffPost India ,06/09/2017,http://www.huffingtonpost.in/2017/09/06/the-many-feathers-slain-journalist-gauri-lankesh-ruffled-with-her-work_a_23198440/ .

୧୭.UNESCO Condemns Gauri Lankesh's Murder, Asks Government to Protect others receiving threats,BY T HE W IRE S T A FF O N 13/ 0 9 / 2 0 17 ,. https://thewire.in/177240/unesco-gauri-lankesh-murder

୧୮.'Tolerance Is a Sin in Your Lexicon': Civil Society Groups Condemn Gaur... https://thewire.in/174483/gauri-lankesh-death-reaction୧୯.Poetry flowed like blood and tears at a rally in Bengaluru this week to protest the murder of Gauri Lankesh**,** By Sowmya Aji,, ET Bureau ,http://economictimes.indiatimes.com/articleshow/60715375.cms? utm_ source = content ofin terest & utm_medium= text & utm_campaign=cppst ..